# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**22 January – 2026**

## ଧର୍ମେନ୍ଦ୍ର ପ୍ରଧାନ

ସମାବେଶୀ ଶିକ୍ଷା କେବଳ ଏକ ସରକାରୀ ଯୋଜନା ନୁହେଁ ବରଂ ଏକ ରାଷ୍ଟ୍ରୀୟ ସଂକଳ୍ପ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ତିନିଦିନିଆ ସମାବେଶୀ ଶିକ୍ଷା ସମ୍ମିଳନୀକୁ ଉଦ୍‌ଘାଟନ କରି ଶ୍ରୀ ପ୍ରଧାନ କହିଛନ୍ତି ଦେଶର ପ୍ରତ୍ୟେକ ଶିଶୁଙ୍କ ପାଇଁ ଏକ ସମାନ, ସମ୍ମାନଜନକ ଏବଂ ଆତ୍ମନିର୍ଭରଶୀଳ ଭବିଷ୍ୟତ ସୁନିଶ୍ଚିତ କରିବା ସମାବେଶୀ ଶିକ୍ଷାର ମୂଳଲକ୍ଷ୍ୟ ।

**V/O**

ସମ୍ମିଳନୀରେ ଦେଶର ଶିକ୍ଷା ବ୍ୟବସ୍ଥାକୁ ନୂତନ ଦିଗ ପ୍ରଦାନ ପାଇଁ ଶିକ୍ଷାବିତ୍, ବିଶେଷଜ୍ଞ ଏବଂ ନୀତି ନିର୍ଦ୍ଧାରଣଙ୍କ ମଧ୍ୟରେ ଆଲୋଚନା ହୋଇଛି ।

## ସୁଭଦ୍ରା ରାଶି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ଓୟୁଏଟିସ୍ଥିତ କୃଷି-ଶିକ୍ଷା ସଦନରେ ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କୁ ସହାୟତା ରାଶି ପ୍ରଦାନ କରିବେ । ଏହି ପର୍ଯ୍ୟାୟରେ ୪ ଲକ୍ଷ ୫୭ ହଜାର ୬୮୧ଜଣ ହିତାଧିକାରୀ ଲାଭାନ୍ୱିତ ହେବେ । ସୁଭଦ୍ରା ଯୋଜନାରେ ନୂତନ ଭାବେ ଯୋଡ଼ି ହୋଇଥିବା ୧ ଲକ୍ଷ ୭୮ ହଜାର ୩୯୮ ଜଣ

ହିତାଧିକାରୀଙ୍କ ସମେତ ପୂର୍ବରୁ ସହାୟତା ପାଇ ନଥିବା ହିତାଧିକାରୀମାନଙ୍କୁ ସହାୟତା ରାଶି ବଣ୍ଟନ କରାଯିବ ।

## ପାଣି ପଞ୍ଚାୟତ ପକ୍ଷ ଉଦ୍‌ଯାପିତ

ଜଳସମ୍ପଦ ବିଭାଗ ପକ୍ଷରୁ ଭୁବନେଶ୍ୱର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ପାଣି ପଞ୍ଚାୟତ ପକ୍ଷ ୨୦୨୬ର ରାଜ୍ୟସ୍ତରୀୟ ଉଦ୍‌ଯାପନୀ ସମାରୋହ ଆଜି ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ । ଏଥିରେ ରାଜ୍ୟସ୍ତରୀୟ ପ୍ରଦର୍ଶନୀ ସହ ସେଚ ସହଭାଗିତା ୪.୦ର ଉନ୍ମୋଚିତ ହେବ ।

## କୃଷି ଓଡ଼ିଶା

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଖେଳ ପଡ଼ିଆରେ ଆଜିଠାରୁ ତ୍ରିଦିବସୀୟ କୃଷି ଓଡ଼ିଶା ୨୦୨୬ ଆରମ୍ଭ ହେଉଛି । ଅର୍ନ୍ତଭୁକ୍ତିକରଣ ମାଧ୍ୟମରେ ସହନଶୀଳ କୃଷି ପ୍ରସଙ୍ଗ ଆଧାରିତ କାର୍ଯ୍ୟକ୍ରମରେ କୃଷିଶିକ୍ଷା ଶିବିର ମାଧ୍ୟମରେ ଆଲୋଚନାଚକ୍ର, ଆଧୁନିକ କୃଷି ଯନ୍ତ୍ରପାତିର ପ୍ରଦର୍ଶନ କରାଯିବ ।

## ପରାକ୍ରମ ଦିବସ

ପରାକ୍ରମ ଦିବସ ଅବସରରେ ଆସନ୍ତାକାଲି କଟକ ଓଡ଼ିଆବଜାରସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମପୀଠ ତଥା ସଂଗ୍ରହାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଉପରାଷ୍ଟ୍ରପତି ସି.ପି.ରାଧାକୃଷ୍ଣନ କାର୍ଯ୍ୟକ୍ରମରେ ଯୋଗଦେବେ । ଏହି ପରିପ୍ରେକ୍ଷୀରେ ସଂସ୍କୃତି ବିଭାଗ

ସଚିବ ବିଜୟକେତନ ଉପାଧ୍ୟାୟ, ଆର୍‌ଡିସି ଗୁହାପୁନମ ତାପସକୁମାର, ସଂଗ୍ରହାଳୟ ଓ ନେତାଜୀ ବ୍ୟାଖ୍ୟାନ କେନ୍ଦ୍ରର କାର୍ଯ୍ୟ ତଦାରଖ କରିଛନ୍ତି । ଆସନ୍ତାକାଲି ଉପରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ ନେତାଜୀ ସଂଗ୍ରହାଳୟରେ ପହଞ୍ଚି ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ପୋଷ୍ଟାଲ ଗ୍ୟାଲେରୀକୁ ଉଦ୍‌ଘାଟନ କରିବେ ।

## ସମୀକ୍ଷା ବୈଠକ

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧୀନସ୍ଥ ଉନ୍ନୟନ ଯୋଜନା ଓ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ବିଭାଗୀୟ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଚଳିତ ଆର୍ଥିକ ବର୍ଷରେ ଅନ୍ତୋଦୟ ଗୃହ ଯୋଜନା, ବିକଶିତ ଗାଁ-ବିକଶିତ ଓଡ଼ିଶା ଯୋଜନା ଆଦିର ପ୍ରକଳ୍ପଭିତ୍ତିକ ବଜେଟ୍ ବିନିଯୋଗ ଓ ବ୍ୟବହାର ଉପରେ ସମୀକ୍ଷା କରାଯାଇଥିଲା ।

## ପୂର୍ବତଟ ରେଳପଥ

ପୂର୍ବତଟ ରେଳପଥର ମହା ପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ, ମୁଖ୍ୟଶାସନ ସଚିବ ଅନୁ ଗର୍ଗଙ୍କୁ ସାକ୍ଷାତ୍ କରି ରେଳ ଭିତ୍ତିଭୂମିର ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି । ବୈଠକରେ ରେଳ ପ୍ରକଳ୍ପ ସମ୍ପାଦନ ସମୟରେ ଉପୁଜୁଥିବା ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ ନେଇ ଗୁରୁତ୍ୱାରୋପ କରାଯାଇଥିଲା ।

## ସମୀକ୍ଷା ବୈଠକ

କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଗ୍ରାମୀଣ ଉନ୍ନୟନ ଏବଂ ଜନକଲ୍ୟାଣ ଯୋଜନା ଗୁଡ଼ିକର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଛି । ଅସମ୍ପୂର୍ଣ୍ଣ ପ୍ରକଳ୍ପ ଗୁଡ଼ିକୁ ଖୁବ୍‌ଶୀଘ୍ର ଶେଷକରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା ।

## କର୍ମଶାଳା

ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଉଦ୍ୟାନ ବିଭାଗ କାର୍ଯ୍ୟାଳୟରେ ଦକ୍ଷତାବିକାଶ ଓ ଶିକ୍ଷଣ ଯୋଜନା ମାଧ୍ୟମରେ ଦୁଇଦିନିଆ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି । କର୍ମଶାଳାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କୃଷିଭିତ୍ତିକ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଛି ।

## ଶିଶୁକନ୍ୟା ସପ୍ତାହ

ଜାତୀୟ ଶିଶୁକନ୍ୟା ସପ୍ତାହ ପାଳନ ଅବସରରେ ନବରଙ୍ଗପୁର ସହରରେ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଥିରେ କନ୍ୟା ଭ୍ରୁଣ ହତ୍ୟା, ଶିଶୁ ଅଧିକାର ଏବଂ ଲିଙ୍ଗଗତ ଭେଦଭାବ ଦୂର କରିବା ନେଇ ସଚେତନତା ସୃଷ୍ଟି କରାଯାଇଥିଲା ।

## ବିଶ୍ୱ ଆଥଲେଟିକ୍ସ

୨୦୨୮ ବିଶ୍ୱ ଆଥ୍‌ଲେଟିକ୍ସ ଇନ୍‌ଡୋର ଚାମ୍ପିୟନସିପ୍ ଆୟୋଜନ ପାଇଁ ଭାରତ ବିଡ୍ କରିବ । ଏହି ପରିପ୍ରେକ୍ଷୀରେ ବିଶ୍ୱ ଆଥ୍‌ଲେଟିକ୍ସ ଏବଂ

ଭାରତୀୟ ଆଥଲେଟିକ୍ସ ମହାସଂଘ- ଏଏଫ୍ଆଇର ଏକ ପ୍ରତିନିଧି ଦଳ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଅନୁଧ୍ୟାନ କରିଛନ୍ତି । କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଓଡ଼ିଶାର ସୁଦୃଢ଼ କ୍ରୀଡ଼ା ଭିତ୍ତିଭୂମି ସମ୍ପର୍କରେ ମନ୍ତ୍ରୀ ଶ୍ରୀ ସୂରଜ ପ୍ରତିନିଧି ଦଳକୁ ସୂଚନା ଦେଇଥିଲେ ।

# ଭଦ୍ରକ ଜିଲ୍ଲା ମହୋତ୍ସବ

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ନେହେରୁ ଷ୍ଟାଡିୟମରେ ଚାଲିଥିବା ଜିଲ୍ଲା ମହୋତ୍ସବର ଚତୁର୍ଥ ସଂଧ୍ୟାରେ ଗତକାଲି ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତିବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଲୋକବାଦ୍ୟ ପରମ୍ପରାକୁ ଉଜ୍ଜୀବିତ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଆସନ୍ତା ୨୫ତାରିଖ ଦିନ ଉଦ୍‌ଯାପିତ ହେବାକୁ ଥିବା ଏହିମେଳାରେ ବିଭିନ୍ନ ଜିଲ୍ଲାରୁ ୪୧୮ଟି ମଣ୍ଡପ ସ୍ଥାନ ପାଇଛି ।

# ପାଣିପାଗ

ରାଜ୍ୟରେ ଶୀତର ପ୍ରଭାବ ହ୍ରାସ ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୫ ଦିନ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ । ଗତକାଲି ଫୁଲବାଣୀଠାରେ ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଥିଲା ।